(3)

Serial No....09026

GOVERNMENT OF ORISSA

ଭୁବନେଶ୍ୱର ପୌର ଇଲାକା ମଧ୍ୟରେ ନୂତନ ବସନ୍ତି ଅଞ୍ଚଳରେ ବାସୋପଯୋଗୀ ସରକାରୀ ଜମି ଆବଣ୍ଟନ, 1989

ALLOTMENT OF RESIDENTIAL PLOTS IN NEW COLONIES WITHIN BHUBANESWAR MUNICIPALITY AREA, 1989

GENERAL ADMINISTRATION DEPARTMENT
(CAPITAL ADMINISTRATION)
BHUBANESWAR

Price—Rs. 25·00
Rupees Twenty-Five Only

ଭୁବନେଶ୍ୱର ନଗରପାଳିକା ମଧ୍ୟରେ ସ୍ଥାପନ ହେବାକୁ ଥିବା ନୂତନ ବସତି ଅଞ୍ଚଳରେ ବାସଗୃହ ନିମନ୍ତେ ସରକାରୀ ଜମି ଆବଣ୍ଟନ, 1989

ନୂଆ ରାଜଧାନୀ ଭୁବନେଶ୍ୱର ସହରର ଦ୍ରୁତ ସମ୍ପ୍ରସାରଣ ପରିପ୍ରେକ୍ଷୀରେ ଜନସାଧାରଣଙ୍କ ବସବାସ ଆବଶ୍ୟକତା ଦୃଷ୍ଟିରୁ ଭରତପୁର, ଘାଟିକିଆ, ସାମପୁର, ଆଇଗିଣିଆ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ନୂତନ ବସତି ଅଞ୍ଚଳ ସ୍ଥାପନ କରାଯାଇ ପ୍ରାୟ 3,000 ଗୋଟି ଉନ୍ନତ ବାସୋପଯୋଗୀ ପ୍ଲଟ 90 ବର୍ଷିଆ ମିଆଦ ସର୍ତ୍ତମୂଳକ ପଟ୍ଟା ସୂତ୍ରେ ଆବଣ୍ଟନ କରାଯିବ । ସାଧାରଣତଃ ବାସୋପଯୋଗୀ ପ୍ଲଟଗୁଡ଼ିକର ଆୟତନ 40'×60' ରୁ 60'×90' ମଧ୍ୟରେ ରହିବ । ସ୍ଥଳ ବିଶେଷରେ ପରିସ୍ଥିତି ଦୃଷ୍ଟିରୁ କେତେକ ଅପେକ୍ଷାକୃତ ବଡ଼ ପ୍ଲଟ ହୋଇ ପାରେ । ଉନ୍ନତ ବାସୋପଯୋଗୀ ପ୍ଲଟଗୁଡ଼ିକର ଅବଧି ମୂଲ୍ୟ ସମସ୍ତ ଉନ୍ନୟନ ବ୍ୟୟ ଭାର ସହ ଏକର ପ୍ରତି ଟ 6,50,000.00 (ଛଅ ଲକ୍ଷ ପଚାଶ ହଜାର ଟଙ୍କା) ମାତ୍ର । ପ୍ରତ୍ୟେକ କୌଣିକ ପ୍ଲଟ କ୍ଷେତ୍ରରେ ମୂଳ ପ୍ଲଟର ଅବଧି ମୂଲ୍ୟରେ ଶତକଡ଼ା 20 ଭାଗ ଅତିରିକ୍ତ ମୂଲ୍ୟ ଆଦାୟ କରାଯିବ ।

1. ଦରଖାସ୍ତକାରୀଙ୍କ ଯୋଗ୍ୟତା/ପାତ୍ରତା :

(କ) ଦରଖାସ୍ତକାରୀଙ୍କ ନିଜ ନାମରେ ଭୁବନେଶ୍ୱର ପୌରପାଳିକା ଇଲାକା ଅନ୍ତର୍ଗତ 37 ଗୋଟି ମୌଜାମାନଙ୍କ ମଧ୍ୟରେ ବାସଗୃହ/ଦୋକାନ/ଦୋକାନ-ତଥା-ବାସଗୃହ, ଭୂମି/ବାସ ନହଲା ନିର୍ମିତ ଗୃହ କିମ୍ବା ଅନ୍ୟାନ୍ୟ ଜମି ନ ଥିବ । ପରିବାରର ଅନ୍ୟ କୌଣସି ସଦସ୍ୟଙ୍କ ନାମରେ ପ୍ଲଟ କିମ୍ବା ଘର ଥିଲେ ଉପରୋକ୍ତ କଲୋନୀରେ ପ୍ଲଟ ପାଇଁ ଦରଖାସ୍ତ ଦେବା ପାଇଁ କୌଣସି ପ୍ରତିବନ୍ଧକ ରହିବ ନାହିଁ ।

(ଖ) ଦରଖାସ୍ତକାରୀ ଓଡ଼ିଶାର ଜଣେ ସ୍ଥାୟୀ ବାସିନ୍ଦା ହୋଇଥିବେ କିମ୍ବା ଓଡ଼ିଶାରେ ବିଗତ ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ଥାୟୀ ଭାବରେ ବସବାସ କରୁଥିବେ ।

(ଗ) ଦରଖାସ୍ତକାରୀ ସାବାଳକ (18 ବର୍ଷ ବୟସ ବା ତଦୂର୍ଦ୍ଧ୍ୱ) ଓ ଭାରତୀୟ ନାଗରିକ ହୋଇଥିବେ ।

(ଘ) ନାବାଳକ ପୁତ୍ର/କନ୍ୟାଙ୍କ ତରଫରୁ ପିତା ମାତା ଜମି ପାଇଁ ଦରଖାସ୍ତ କରି ପାରିବେ ।

2. ଦରଖାସ୍ତ ଦାଖଲ ଓ ଜମି ଆବଣ୍ଟନ ପ୍ରଣାଳୀ :

(କ) ଆଗ୍ରହୀ/ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ ଫାରମ ସଂଯୁକ୍ତ ପୁସ୍ତିକା ଖରିଦ କରି ସେଥିରେ ସଂପୃକ୍ତ ହୋଇଥିବା ଛାପା ଫାରମ ସ୍ୱୟଂ ସଂପୂର୍ଣ୍ଣ ଭାବେ ପୂରଣ କରି ଆବଶ୍ୟକ ପ୍ରାଥମିକ ଅମାନତ ଅବଧି ମୂଲ୍ୟ ପଇଠ ପ୍ରମାଣ ସ୍ୱରୂପ ଅସଲ ବ୍ୟାଙ୍କ ଡ୍ରାଫ୍ଟ ଓ ଦରଖାସ୍ତ ଫାରମ ଖରିଦ ସମୟରେ ପ୍ରାପ୍ତ ଅସଲ ରସିଦ ସହ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦାଖଲ କରିବେ । ଦରଖାସ୍ତଗୁଡ଼ିକ ଡାକ ଯୋଗେ କିମ୍ବା ସାଧାରଣ ପ୍ରଶାସନ ବିଭାଗଙ୍କ ଦ୍ୱାରା ଖୋଲାଯାଇଥିବା କାଉଣ୍ଟରରେ ଦାଖଲ କରିବେ । କାଉଣ୍ଟରରେ ବ୍ୟକ୍ତିଗତ ଭାବେ ଦାଖଲ ଦରଖାସ୍ତଗୁଡ଼ିକ ସପକ୍ଷରେ ପ୍ରାପ୍ତି ସ୍ୱୀକାର ରସିଦ ପାଇବେ । ଡାକ ଯୋଗେ ମିଳିଥିବା ଦରଖାସ୍ତଗୁଡ଼ିକର ନିୟମିତ ପ୍ରାପ୍ତି ସ୍ୱୀକାର ନିମନ୍ତେ ଆବଶ୍ୟକୀୟ ଡାକ ଟିକେଟ ସହ ଦରଖାସ୍ତକାରୀଙ୍କ ସଂପୂର୍ଣ୍ଣ ଠିକଣା ସହ ଲଫାପା ଥିବା ଦରକାର । ସାଧାରଣ ଡାକ କିମ୍ବା ତ୍ରୁଟି ପୂର୍ଣ୍ଣ ଠିକଣା ଲେଖା ଥିବା ଯୋଗୁ ରସିଦ ପ୍ରାପ୍ତି କ୍ଷେତ୍ରରେ ଅସୁବିଧା ନିମନ୍ତେ ସରକାର ଦାୟୀ ହେବେ ନାହିଁ ।

ପ୍ରାଥମିକ ଅମାନତର ପରିମାଣ–

(1) 40'×60' ପରିମିତ ପ୍ଲଟ ପାଇଁ ଟ 5,000.00

(2) 50'×75' ପରିମିତ ପ୍ଲଟ ପାଇଁ ଟ 7,500.00

(3) 60'×90' ପରିମିତ ପ୍ଲଟ ପାଇଁ ଟ 10,000.00

ଅମାନତ ଟଙ୍କା ଭୁବନେଶ୍ୱରର କୌଣସି ଏକ ଜାତୀୟକରଣ ବ୍ୟାଙ୍କରେ ଦେୟ କ୍ରସଡ୍ ବ୍ୟାଙ୍କ ଡ୍ରାଫଟ୍, ସାଧାରଣ ପ୍ରଶାସନ ବିଭାଗର ଯୁଗ୍ମ ଶାସନ ସଚିବ ତଥା ପଦପ୍ରାପ୍ତ ସମ୍ପଦା ନିର୍ଦ୍ଦେଶକଙ୍କ ସପକ୍ଷରେ ହେବା ଆବଶ୍ୟକ ।

(ଖ) ଧାର୍ଯ୍ୟ ତାରିଖ ପରେ ପ୍ରାପ୍ତ ଓ ଅସଂପୂର୍ଣ୍ଣ ଦରଖାସ୍ତଗୁଡ଼ିକ ସିଧାସଳଖ ଖାରଜ ହୋଇଯିବ ।

(ଗ) ସଂପୂର୍ଣ୍ଣ ସଠିକ ଦରଖାସ୍ତଗୁଡ଼ିକ ବିଚାରକୁ ନିଆଯାଇ ଲଟେରୀ ମାଧ୍ୟମରେ ଜମି ଆବଣ୍ଟନ ଚୂଡାନ୍ତ କରାଯିବ ।

(ଘ) ପ୍ରାଥମିକ ଅମାନତ ଜମା ଟଙ୍କା ଜମି ଆବଣ୍ଟନ ହେଲେ ଆବଣ୍ଟିତ ଜମିର ଅବଧିମୂଲ୍ୟ ବାବଦକୁ ମଜୁରା କରାଯିବ । ପ୍ରଥମ ପର୍ଯ୍ୟାୟରେ ଯେଉଁମାନେ ଜମି ପାଇ ପାରିବେ ନାହିଁ ସେମାନଙ୍କ ଅମାନତ ଟଙ୍କା ପରବର୍ତ୍ତୀ ପର୍ଯ୍ୟାୟରେ ଜମି ଆବଣ୍ଟନ ହେବାଯାଏଁ ଗଚ୍ଛିତ ରହିବ ।

(ଙ) ଦରଖାସ୍ତ ଦାଖଲ ପରେ ପ୍ରାପ୍ତି ସ୍ୱୀକାର ରସିଦ ଅନୁବନ୍ଧରେ ଭବିଷ୍ୟତ ପତ୍ରାଳାପ କରିବାକୁ ପଡିବ ।

(ଚ) ଜମି ଆବଣ୍ଟନ ନ ହେବା କ୍ଷେତ୍ରରେ ଯେଉଁମାନେ ପ୍ରାଥମିକ ଅମାନତ ଅର୍ଥ ଫେରସ୍ତ ପାଇଁ ଚାହିଁବେ ସେମାନେ ପ୍ରାପ୍ତି ସ୍ୱୀକାର ରସିଦର ଅନୁପ୍ରମାଣିତ ନକଲ ଓ ଦାଖଲ କରିଥିବା ବ୍ୟାଙ୍କ ଡ୍ରାଫଟ୍‌ର ସବିଶେଷ ତଥ୍ୟ ସହ ଯୁଗ୍ମ ଶାସନ ସଚିବ ତଥା ପଦପ୍ରଯୁକ୍ତ ସମ୍ପଦା ନିର୍ଦ୍ଦେଶକ, ସାଧାରଣ ପ୍ରଶାସନ ବିଭାଗଙ୍କୁ ଦରଖାସ୍ତ କରିବେ ।

(ଛ) ଦରଖାସ୍ତ ପ୍ରାପ୍ତିର 60 ଦିନ ମଧ୍ୟରେ ଅମାନତ ଅର୍ଥ ଫେରସ୍ତ କରାଯିବ ।

(ଜ) 'ଖ' ଅନୁଚ୍ଛେଦ ବର୍ଣ୍ଣିତ ଦରଖାସ୍ତକାରୀମାନେ ମଧ୍ୟ ପ୍ରାଥମିକ ଅମାନତ ଜମା ଟଙ୍କା ବିନା ସୁଧରେ 60 ଦିନ ମଧ୍ୟରେ ଫେରସ୍ତ ପାଇବାକୁ ଯୋଗ୍ୟ ବିବେଚିତ ହେବେ ।

(ଝ) ଦରଖାସ୍ତ ଦାଖଲ ପରେ ଓ ଜମି ଆବଣ୍ଟନ ଚୂଡ଼ାନ୍ତ ପୂର୍ବରୁ ଦରଖାସ୍ତ ପ୍ରତ୍ୟାହାର କିମ୍ବା ଜମା ଅର୍ଥ ଫେରସ୍ତ ଦିଆଯିବ ନାହିଁ

3. ଜମି ଆବଣ୍ଟନ କ୍ଷେତ୍ରରେ ଆବଣ୍ଟନଗ୍ରାହୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ:

(କ) (I) ଲଟେରୀ ଫଳାଫଳ ମୁତାବକ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ରେଜିଷ୍ଟ୍ରି ଡାକ ମାଧ୍ୟମରେ ଜମି ଆବଣ୍ଟନ ଆଦେଶ ପ୍ରେରଣ କରାଯିବ । ଆବଣ୍ଟନ ଆଦେଶ ପ୍ରାପ୍ତିର 60 ଦିନ ମଧ୍ୟରେ ଆବଣ୍ଟିତ ଜମି ପକ୍ଷେ ପ୍ରାଥମିକ ଅମାନତ ଅର୍ଥ ମଜୁରା ପରେ ଅବଧି ମୂଲ୍ୟ ବାବଦକୁ ଦେୟ ପ୍ରଭେଦାତ୍ମକ ଅର୍ଥ ଆଦେଶିକାରେ ସୂଚିତ ହିସାବ ଶୀର୍ଷରେ ଟ୍ରେଜେରୀ ଚାଲାଣ ମାଧ୍ୟମରେ ପଇଠ କରି ଅସଲ ଟ୍ରେଜେରୀ ଚାଲାଣ ସହ ପଟ୍ଟା ଦଲିଲ ରେଜିଷ୍ଟ୍ରି ପୂର୍ବରୁ ଅନୁମୋଦନାର୍ଥେ ନିଷ୍ପାଦନ କରି ସାଧାରଣ ପ୍ରଶାସନ ବିଭାଗରେ ଦାଖଲ କରିବେ ।

(II) କୌଣସି କାରଣରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅବଧି ମୂଲ୍ୟ ପଇଠ ଓ ଦଲିଲ ନିଷ୍ପାଦନ କରିବାକୁ ସକ୍ଷମ ନହେଲେ ପୂର୍ବାନୁମତି ସହ ଦିନକୁ ପଚାଶ ଟଙ୍କା ହାରରେ ବିଳମ୍ବ ଜନିତ ଜୋରିମାନା ଅର୍ଥ ପୃଥକ ଭାବରେ ପଇଠ କରି ସର୍ବାଧିକ ମୂଳ ଆଦେଶ ମତେ 60 ଦିନ ପରିଠାରୁ ଆଉ 30 ଦିନ ମଧ୍ୟରେ ଅବଧି ମୂଲ୍ୟ ପଇଠ ଓ ଦଲିଲ ନିଷ୍ପାଦନ କରି ପାରିବେ । ଏହି ବର୍ଦ୍ଧିତ ସମୟ ସୀମା ବାଦ କୌଣସି ପରିପ୍ରେକ୍ଷୀରେ ଅବଧି ମୂଲ୍ୟ ପଇଠ ଓ ଦଲିଲ ନିଷ୍ପାଦନ ନିମନ୍ତେ ଅଧିକ ସମୟ ସୁବିଧା ଦିଆଯାଇ ପାରିବ ନାହିଁ

(ଖ) ନିଷ୍ପାଦିତ ଦଲିଲ ଅନୁମୋଦିତ ପରେ ତାହା ଭୁବନେଶ୍ୱର ଜିଲ୍ଲା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ପଞ୍ଜୀକରଣ କରାଯାଇ ପଞ୍ଜୀକୃତ ଦ୍ୱିତୀୟ ନକଲଟି ସାଧାରଣ ପ୍ରଶାସନ ବିଭାଗରେ ଦାଖଲ କରାଗଲା ପରେ ପଟ୍ଟା ଜମିର ସୀମାଙ୍କନ କରାଯାଇ ବାସ୍ତବ ଦଖଲ ହସ୍ତାନ୍ତର କରାଯିବ । ଦଲିଲ ରେଜିଷ୍ଟ୍ରି ଓ ପଟ୍ଟା ଜମିର ବାସ୍ତବ ଦଖଲ ଗ୍ରହଣ କରିବା ଦାୟିତ୍ୱ ଆବଣ୍ଟନଗ୍ରାହୀଙ୍କର । ପ୍ରଶାସନିକ କାରଣ ବ୍ୟତୀତ ଅନ୍ୟ କାରଣ ଜନିତ ବିଳମ୍ବ ନିମନ୍ତେ ସରକାର ବିଚାର କରିବେ ନାହିଁ

(ଗ) ଦଲିଲ ନିଷ୍ପାଦନ ତାରିଖଠାରୁ ପାଞ୍ଚ ବର୍ଷ (ଷାଠିଏ ମାସ) ମଧ୍ୟରେ ପଟ୍ଟା ଜମି ଉପରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ଗୃହ ନିର୍ମାଣ ନକ୍ସା ମତେ ବସବାସ ଉଦ୍ଦେଶ୍ୟରେ ବାସଗୃହ ନିର୍ମାଣ ସର୍ବୋତଭାବେ ସଂପୂର୍ଣ୍ଣ ହେବା ଆବଶ୍ୟକ । ସର୍ତ୍ତ ଖିଲାପ ହେଲେ ଜମି ପଟ୍ଟା ପର୍ଯ୍ୟବସାନ କରାଯିବ ।

(ଘ) ଜମି ଆବଣ୍ଟନ ଆଦେଶ ପ୍ରାପ୍ତି ପରେ ଯେଉଁମାନେ ତାହା ଗ୍ରହଣ କରିବେ ନାହିଁ କିମ୍ବା ନିର୍ଦ୍ଧାରିତ ସମୟ ମଧ୍ୟରେ (ବର୍ଦ୍ଧିତ ସମୟ ମଧ୍ୟରେ) ଅବଧି ମୂଲ୍ୟ ପଇଠ ଓ ପଟ୍ଟା ଦଲିଲ ନିଷ୍ପାଦନ ନ କରିବେ ସେମାନଙ୍କ ଦ୍ୱାରା ପଇଠ ପ୍ରାଥମିକ ଅମାନତ ଟଙ୍କାର ଏକ ଚତୁର୍ଥାଂଶ ବାଜ୍ୟାପ୍ତି କରାଯିବ ।

ଟିପ୍ପଣୀ–ଦାୟସୂତ୍ରେ କିମ୍ବା ଅନ୍ୟ କୌଣସି ସୂତ୍ରେ ସରକାରଙ୍କ ପୂର୍ବାନୁମତି ପୂର୍ବକ ପଟ୍ଟା ଜମି ଉପରେ ସ୍ୱତ୍ୱ ପ୍ରାପ୍ତ ହେଲେ ଏଭଳି ସ୍ୱତ୍ୱ ପ୍ରାପ୍ତି ଦିନଠାରୁ ସଂପୃକ୍ତ ସ୍ୱତ୍ୱାଧିକାରୀ ମୂଳ ପଟ୍ଟା ଦଲିଲ ସର୍ତ୍ତ ପାଳନ କରିବାକୁ ବାଧ୍ୟ ରହିବେ ଓ ଜମିଟି ନିଜ ନାମରେ ଖାରଜ ଦାଖଲ କରାଇନେବାକୁ ଆବଶ୍ୟକୀୟ କାଗଜ ଦାଖଲ କରି ନିଜ ନାମରେ ରେକର୍ଡ ସଂଶୋଧନ କରାଇ ନେବେ ।

ଏଥି ଅନ୍ତର୍ଗତ କୌଣସି ବିଷୟ/କଥନ ନୂଆ ରାଜଧାନୀ ଭୁବନେଶ୍ୱରର ନୂତନ ବସତି ଅଞ୍ଚଳ କିମ୍ବା ଅନ୍ୟ ଅଞ୍ଚଳମାନଙ୍କରେ ସରକାରୀ ଜମି ଆବଣ୍ଟନ ନିମନ୍ତେ ଦରଖାସ୍ତକାରୀଙ୍କୁ କୌଣସି ଦାବୀ/ଅଧିକାର ଅର୍ପଣ କରୁ ନାହିଁ ।

ALLOTMENT OF LAND IN NEW RESIDENTIAL COLONIES IN BHUBANESWAR MUNICIPAL AREA, 1989

Keeping in view the rapid expansion and development of New Capital, Bhubaneswar and with a view to meeting the increasing demand of the general public for house sites, it has been decided to establish residential colonies at Bharatpur, Ghatikia, Sampur, Aiginia and nearby villages and to allot residential plots on 90 years conditional lease basis. The size of the residential plots will range from 40′×60′ to 60′×90′ though there may be a few bigger plots at some places depending on the site condition and configuration of land. Premium for the developed plots to be allotted in these new colonies shall be charged at the rate of Rs.6,50,000·00 (Rupees six lakhs and fifty thousand) per acre inclusive of all infrastructural development cost. An additional premium of 20% of the original premium of plot shall be charged for corner plots.

Eligibility of the Applicant

(*a*) A person who himself possesses/owns residential/commercial, shop-*cum*-residential, land, house, flat or any other house/land in 37 villages coming within Bhubaneswar Municipality shall not be eligible for allotment of residential plot in the colonies. However, possession of a plot by any other member of the family *shall not be a bar* for such application and allotment.

(*b*) The applicant must be a permanent resident of Orissa or should have stayed for more than 5 years in Orissa on the date of application.

(*c*) The applicant should be a citizen of India and should not be less than 18 years of age on the date of application.

(*d*) Parents can apply on behalf of minor children

2. Procedure for submission of application and allotment of land

(*a*) Interested persons shall have to purchase the booklet accompanied with printed application form and submit the same duly filled in with the Bank Draft attached to it towards deposit of initial amount and the original receipt in support of purchase of the booklet either by registered post or in the counter opened for the same in General Administration Department personally.

Amount of initial deposit for different sizes of the plot shall be as follows :

(*i*) For a plot of 40′×60′ size Rs. 5,000·00

(*ii*) For a plot of 50′×75′ size Rs. 7,500·00

(*iii*) For a plo of 60′×90′ size Rs. 10,000·00

The initial money shall be deposited in tshape of crossed Bank Draft in favour of Joint Secretary to Government & *ExOfficio* Director of Estates, General Administration Department drawn in any of the nationalised Banks at Bhubaneswar.

A receipt of acknowledgement will be issued in respect of applications received in the counter. Regular receipt of acknowledgement in respect of applications received by post can be issued if the application is accompanied with a self-addressed stamped envelop. The Department will not be responsible for missing of the acknowledgement due to incorrect address given in the self-addressed envelop.

(*b*) Applications received after the closing date and incomplete applications shall be summarily rejected.

(*c*) Allotment shall be decided by lottery on the basis of applications found complete in all respects and received within the prescribed date.

(*d*) In the event of allotment of land the initial amount deposited by the applicant shall be adjusted towards the premium of the allotted plot. In case of others amount shall not be immediately released but kept in reserve for consideration of allotment of plot in the second lot.

(*e*) The number and date of the receipt of acknowledgement of the application shall be quoted in all future correspondence after submission of the application.

(*f*) Where no allotment of land is made, the applicant shall have to apply for refund of the initial amount to the Joint Secretary to Government & *ExOfficio* Director of Estates, General Administration Department by designation alongwith the attested copy of the receipt of acknowledgement and details of bank draft.

(*g*) The initial deposit shall be refunded within 60 days from the date of receipt of applications for refund.

(*h*) Applicants coming under sub-clause (*b*) of clause 2 would also be eligible to get refund of the deposit within 60 days.

(*i*) No applicant would be allowed to withdraw the application or get refund of the initial deposit after submission of the application and before finalisation of the allotment.

3. Responsibility of the Allottee in case of allotment of plot

(*a*) (*i*) Basing on the result of the lottery, allotment order will be sent to the allottee concerned by registered post. The allottee would have to deposit the differential amount towards premium of the allotted plot due after adjustment of the initial deposit under the appropriate head of account indicated in the order within 60 days from the date of receipt of the order and to submit the lease-deed duly executed on stamp papers for approval before registration alongwith the original treasury chalan in support of deposit of premium in General Administration Department.

(ii) Where the applicant allottee would not be able to deposit the premium and execute the deed he/she may do so within a further period of 30 days with the prior permission of the lessor subject to payment of fine of Rs. 50·00 per each day of delay in the appropriate head of account separately and submit the deed and original chalan within the extended date. No further extension beyond this date would be allowed under any circumstances.

(b) The executed lease-deed would have to be got registered in the Office of the District Sub-Registrar, Bhubaneswar after approval. Demarcation and possession of the leased land would be made over by Government after receipt of registered duplicate copy of the lease-deed. Registration of deed and taking over of the lease land is the responsibility of the allottee concerned.

(c) Construction of building as per plan to be approved by the Bhubaneswar Development Authority shall have to be completed in all respects within 5 years (60 months) from the dade of execution of the lease-deed. The lease is liable for determination for violation of conditions incorporated in the lease-deed.

(d) Where the individuals will not accept the allotment or fail to deposit the premium and execute lease-deed within the schduled date including extended date one forth of initial deposit shall be forfeited.

NOTE—Where the lease hold right on the lease land will go to any individual by way of inheritance or in any manner with the prior permission of Government, the conditions of original lease-deed shall be binding on him/her from the date of such ownership and steps will have to be taken to get the record corrected and mutated in his/her favour on production of necessary documents.

Nothing contained herein shall confer any right on any applicant for allotment of land in the new colonies or any other localities in New Capital, Bhubaneswar.

No. 09026

APPLICATION FORM FOR ALLOTMENT OF RESIDENTIAL PLOT IN THE NEW COLONIES TO BE SET UP IN GHATIKIA, AIGINIA, BHARATPUR, SAMPUR AND OTHER LOCALITIES WITHIN BHUBANESWAR MUNICIPALITY

(The applicant will use this form in original)

ଭୁବନେଶ୍ୱର ନଗର ପାଳିକା ଇଲାକା ଅନ୍ତର୍ଗତ ଘଟିକିଆ, ଆଇଗିଣିଆ, ଭରତପୁର, ସାମପୁର ଓ ଅନ୍ୟ ସ୍ଥାନରେ ନୂତନ ହେବ ବସତିରେ ଘରବାଡ଼ି ଉଦ୍ଦେଶ୍ୟରେ ସରକାରୀ ଜମି ଆବଣ୍ଟନ ଦରଖାସ୍ତ ଫାରମ

(ଦରଖାସ୍ତକାରୀ ଏହୁ ଅସଲ ଫାରମଟି ବ୍ୟବହାର କରିବେ)

1. Name of the Applicant :
   (In full in block letters)

   ଦରଖାସ୍ତକାରୀଙ୍କ ପୁରା ନାମ (ବଡ଼ ଅକ୍ଷରରେ) :

2. Name of the Father/Husband of the Applicant:

   ଦରଖାସ୍ତକାରୀଙ୍କ ପିତା/ସ୍ୱାମିଙ୍କ ନାମ :

3. Age :

   ବୟସ :

4. Permanent Addrress :

   ସ୍ଥାୟୀ ଠିକଣା :

5. Period of residence in Orissa :

   ଓଡ଼ିଶାରେ ବସବାସ କରୁଥିବା କାଳାବଧି :

6. Present Address :

   ବର୍ତ୍ତମାନ ଠିକଣା :

7. Profession/Occupation of the Applicant :

   ଦରଖାସ୍ତକାରୀଙ୍କ ପେଶା/ବୃତ୍ତି :

8. Annual income of the Applicant from all sources :

   ସମସ୍ତ ସୂତ୍ରରୁ ଦରଖାସ୍ତକାରୀଙ୍କ ମୋଟ୍ ବାର୍ଷିକ ଆୟ :

9. Amount of money which Applicant will invest for construction of house and source of funds :

ଗୃହ ନିର୍ମାଣ ନିମନ୍ତେ ଦରଖାସ୍ତକାରୀ କେଉଁ ସୂତ୍ରରୁ କେତେ ପରିମାଣର ପୁଞ୍ଜି ବିନିଯୋଗ କରି ପାରିବେ :

10. Amount that can be paid towards the premium of the plot :

ବାସୋପଯୋଗୀ ପ୍ଲଟ ଉଦ୍ଦେଶ୍ୟରେ କେତେ ପରିମାଣର ଅର୍ଥ ପଇଠ କରି ପାରିବେ :

11. Size of the plot applied for :

କେତେ ଆୟତନର ପ୍ଲଟ ନିମନ୍ତେ ଦରଖାସ୍ତ କରୁଅଛନ୍ତି :

12. Amount of initial caution money deposited :

(The number of original Bank Draft in support of deposit of the caution money attached should be mentioned):

ପଇଠ କରିଥିବା ପ୍ରାଥମିକ ଅମାନତ ଅର୍ଥ ପରିମାଣ :

(ଅମାନତ ଅର୍ଥ ପଇଠ ହୋଇଥିବା ଅସଲ ବ୍ୟାଙ୍କ ଡ୍ରାଫଟ୍ ଦରଖାସ୍ତ ସହ ସଂଲଗ୍ନ କରାଯିବା ଆବଶ୍ୟକ ଓ ବ୍ୟାଙ୍କ ଡ୍ରାଫଟ୍ ନମ୍ବରଟି ଦରଖାସ୍ତରେ ସୂଚିତ ହେବା ଆବଶ୍ୟକ ।)

I do possess/own residential, commercial or any land, residential, commercial, shop-*cum*-residential house, flat, etc., within the limits of Bhubaneswar Municipality the details of which are furnished below :—

Sl. No.	Name of the village/unit	Details of land owned		Area dimension	Classification
		Khata/Drg. No.	Plot No.		

ଭୁବନେଶ୍ୱର ନଗରପାଳିକା ଇଲାକା ଅନ୍ତର୍ଗତ 37 ଗୋଟି ମୌଜାମାନଙ୍କରେ ମୋର ନିଜ ନାମରେ ନିମ୍ନ ବିଶଦ ବିବରଣୀ ବର୍ଣ୍ଣିତ ନିବାସ, ବାଣିଜ୍ୟିକ, ନିବାସ ତଥା ବାଣିଜ୍ୟିକ ଗୃହ ନିର୍ମାଣ ଭୂମି, ବାସମହଲ, ଅନ୍ୟାନ୍ୟ ଭୂମି ଗୃହ ମହଲ ଅଛି ।

କ୍ରମିକ ସଂଖ୍ୟା	ମୌଜା/ୟୁନିଟ	ଜମିର ବିବରଣୀ		ରକବା/ଆୟତନ	କିସମ
		ଖାତା/ଚକାଙ୍କନ ସଂଖ୍ୟା	ପ୍ଲଟ ସଂଖ୍ୟା		

I am a permanent resident of Orissa/I have been residing in Orissa for a period exceeding 5 years as on the date of this application.

(Strike out which is not applicable)

ମୁଁ ଓଡ଼ିଶାର ସ୍ଥାୟୀ ବାସିନ୍ଦା ଅଟେ/ମୁଁ ଏହି ଦରଖାସ୍ତ ଦାଖଲ କରିବା ଦିନ ସୁଦ୍ଧା ଓଡ଼ିଶାରେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବସବାସ କରି ଆସୁଛି । (ଯେଉଁଟି ପ୍ରଯୁଜ୍ୟ ନୁହେଁ ତାହା କାଟି ଦିଅନ୍ତୁ)

I shall abide by the terms and conditions of the allotment order and the lease-deed to be executed in case a residential plot is allotted to me.

ମୋ ସପକ୍ଷରେ ଘରବାରୀ ଜମି ଆବଣ୍ଟନ ହେଲେ ମୁଁ ଆବଣ୍ଟନ ଆଦେଶ ଓ ପଟ୍ଟା ଦଲିଲ ସର୍ତ୍ତ ଓ ନିବନ୍ଧନ ଅନୁପାଳନ କରିବାକୁ ବାଧ୍ୟ ରହିବି ।

I, Shri/Smt...son/daughter/wife of
Shri...village............................
P. O.............................P. S.............................district............................
declare that the particulars/informations given above are correct.

ମୁଁ, ଶ୍ରୀ/ଶ୍ରୀମତୀ/କୁମାରୀ...
ପିତା/ସ୍ୱାମୀ...ଗ୍ରାମ.............................
ପୋ. ଅ.............................ଥାନା.............................ଜିଲ୍ଲା.............................
ଘୋଷଣା କରୁଅଛି ଯେ ଦରଖାସ୍ତ ବର୍ଣ୍ଣିତ ସମସ୍ତ ତଥ୍ୟ/ସୂଚନା ସର୍ବତୋଭାବେ ସତ୍ୟ ଅଟେ ।

I further undertake that if any information given above are found incorrect afterwards and allotment/lease of plot has been granted in my favour on the basis of such incorrect information furnished by me, the allotment and the lease, if any, in pursuance to the allotment shall be cancelled/terminated by Government.

Place.................. Signature of the Applicant

Date..................

ମୁଁ ଆହୁରି ମଧ୍ୟ ଅଂଗୀକାର କରୁଅଛି ଯେ ଭବିଷ୍ୟତରେ ଦରଖାସ୍ତ ବର୍ଣ୍ଣିତ/ସୂଚିତ କୌଣସି ତଥ୍ୟ ମିଥ୍ୟା/ଭୁଲ ସାବ୍ୟସ୍ତ ହେଲେ ଏବଂ ସେହି ପ୍ରଦତ୍ତ ମିଥ୍ୟା ଭୁଲ ତଥ୍ୟ/ସୂଚନା ଭିତ୍ତିରେ ମୋ ସପକ୍ଷରେ ଘରବାରି ଜମି ଆବଣ୍ଟନ ହେଲେ/ ହୋଇଥିଲେ ଆବଣ୍ଟନ ଆଦେଶ ଓ ସେହି ଆବଣ୍ଟନ ଆଦେଶ ବଳରେ ପଟ୍ଟା ଦଲିଲ ରେଜେଷ୍ଟ୍ରି ହୋଇଥିଲେ ଜମି ଆବଣ୍ଟନ ପଟ୍ଟା ସରକାରଙ୍କ ଦ୍ୱାରା ଖାରଜ/ପର୍ଯ୍ୟବସାନ କରାଯିବ ।

ସ୍ଥାନ............................ ଦରଖାସ୍ତକାରୀଙ୍କ ପୁରା ସ୍ୱାକ୍ଷର

ତାରିଖ............................

CERTIFICATE OF AUTHENTICITY TO BE GIVEN BY A GAZETTED OFFICER OF THE STATE/UNION GOVERNMENT

I (name in full..Address with post held)..certify that the above-named applicant Shri/Smt./Miss.. son/daughter/wife of....................................of village.................. ....P. O..............................P. S............................ district.........................is known to me for last......................years and the best of my knowledge and belief that the statement made in the application is correct.

Place.............. Signature of the Attester

Date.............. Designation and Address with seal

ପ୍ରାମାଣିକତା ପ୍ରମାଣପତ୍ର

(ଜଣେ ଜ ରାଜ୍ୟ/କେନ୍ଦ୍ର ସରକାରଙ୍କ ଗେଜେଟେଡ଼ ଅଧିକାରୀଙ୍କ ଦ୍ୱାରା ଦିଆଯିବାକୁ ହେବ)

ମୁଁ, (ପୁରାନାମ)..ବର୍ତ୍ତମାନ ଅବସ୍ଥାପିତ ପଦବୀ ଓ

ଠିକଣା..ପ୍ରମାଣିତ କରୁଅଛି ଯେ ଦରଖାସ୍ତ

ଉପର ବର୍ଣ୍ଣିତ ଶ୍ରୀ/ଶ୍ରୀମତୀ/କୁମାରୀ..

ପିତା/ସ୍ୱାମୀ..ଗ୍ରାମ..

ପୋ. ଅ..................................ଥାନା..................................ଜିଲ୍ଲାକୁ..............................

ଗତ..............................ବର୍ଷ ହେଲା ଜାଣିଅଛି ଏବଂ ମୋର ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ଦରଖାସ୍ତ ବର୍ଣ୍ଣିତ/ସୂଚିତ ତଥ୍ୟଗୁଡ଼ିକ ସତ୍ୟ ଅଟେ ।

ସ୍ଥାନ ....

ତାରିଖ..............................

ଅନୁପ୍ରମାଣକାରୀ ଅଧିକାରୀଙ୍କ ସ୍ୱାକ୍ଷର ଓ ମୋହର

ପଦବୀ..............................

ଠିକଣା..............................

OGP—MP-II (G. A.) 26—50,000—23-12-1988